ଅରୁଣିମା
Arunima
A Newsletter of TPSODL
VOL - 03 | ISSUE 3 | OCTOBER 2025

TPSODL
TP SOUTHERN ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)

# CONNECTING LIVES







## TPSODL introduces ULA scheme to provide rooftop solar in just ₹ 5000

## New HoTT Centre at Phulbani

# Executive Spotlight

## ଆଳାପ

# "ପୋଷାକ ବଦଳିଛି ହେଲେ, ଲକ୍ଷ୍ୟ ନୁହେଁ..."

**ଏଥର ଆଳାପରେ ଆମେ ଭେଟିଥିଲୁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡର ମାନବ ସମ୍ବଳ ବିଭାଗର ମୁଖ୍ୟ ଶ୍ରୀ ସଞ୍ଜୀବ କୌଶିକଙ୍କୁ । ଯିଏ ଦିନେ ଭାରତୀୟ ସେନାରେ କାର୍ଯ୍ୟରତ ଥିଲେ । ଭାରତ ସମେତ ବିଦେଶରେ ମଧ୍ୟ ତାଙ୍କର କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି । ଉର୍ଦ୍ଦୁ କବିତା ଲେଖିବା, ପୋଷା ପ୍ରାଣୀଙ୍କୁ ଭଲ ପାଇବା ସହ ସିଏ ଜଣେ ସଫଳ ବାଇକର ଏବଂ ଜଣେ ସଙ୍ଗୀତ ପ୍ରେମୀ ମଧ୍ୟ । ଆସନ୍ତୁ ତାଙ୍କ ସହ କଥା ହେଇଥିବା କିଛି ମୁହୂର୍ତ୍ତ, ଯାହା ସେ ଆମ ସହ ବିତାଇଛନ୍ତି ସେ ବିଷୟରେ ଜାଣିବା ।**



**ପ୍ରଶ୍ନ :- ଭାରତୀୟ ସେନାର ଅଲିଭ୍ ସବୁଜ ରଙ୍ଗରୁ ନେଇ ଟାଟା ପାୱାରର ନୀଳ ରଙ୍ଗର ପୋଷାକରେ ଆପଣଙ୍କ ଯାତ୍ରା ଅସାଧାରଣ । ଭାରତୀୟ ସେନାରେ ଆପଣଙ୍କର ଥିବା ଅଭିଜ୍ଞତା ଟିପିଏସ୍ଓଡିଏଲର ମାନବ ସମ୍ବଳ ବିଭାଗରେ ଦାୟିତ୍ୱ ନେବା ପରେ କେତେ ସହାୟ ହୋଇପାରିଛି ?**

**ଉତ୍ତର:-** ଭାରତୀୟ ସେନାର ଅଲିଭ ସବୁଜ ରଙ୍ଗଠାରୁ ନେଇ ଟାଟା ପାୱାରର ନୀଳରଙ୍ଗ ପର୍ଯ୍ୟନ୍ତ ଯାତ୍ରା ଏ ଉଭୟ ମୋ ପାଇଁ ସୌଭାଗ୍ୟ ଏବଂ ଏକ ଶିଖିବାର ଯାତ୍ରା ଅଟେ । ମୋର ସେନାରେ ବିତାଇଥିବା ବର୍ଷଗୁଡ଼ିକ ଆଜି ମୋତେ ମୋର ନେତୃତ୍ୱର ଦର୍ଶନ ଏବଂ ଟିପିଏସ୍ଓଡିଏଲରେ ମାନବ ସମ୍ବଳ ବିଭାଗର ମୁଖ୍ୟ ଭାବରେ କାର୍ଯ୍ୟ କରିବାର ଏକ ବିଶେଷ ଅନୁଭୂତି ଏବଂ ବିଭିନ୍ନ ପନ୍ଥା ଆପଣେଇବାରେ ସହାୟକ ହୋଇଛି ।

ସେନାରେ ଯୋଗ ଦେବା ଏବଂ କାର୍ଯ୍ୟ କରିବା ଅବସରରେ ମୋର ବ୍ୟକ୍ତିଗତ ଜୀବନରେ ଯେଉଁ ଅନୁଶାସନ, ସତ୍ୟନିଷ୍ଠା, ସମର୍ପଣ ଭାବ, ମହତ ଉଦ୍ଦେଶ୍ୟ ଏବଂ କର୍ମ ପ୍ରତି ପ୍ରତିବଦ୍ଧତା ଗୁଣ ବିକଶିତ ହୋଇଛି ତାହା ମୋର କର୍ମମୟ ଜୀବନ ତଥା ଟିପିଏସ୍ଓଡିଏଲରେ ମାନବ ସମ୍ବଳ ବିଭାଗର ଦାୟିତ୍ୱ ନେବା କ୍ଷେତ୍ରରେ ବହୁ ଭାବରେ ପ୍ରତିଫଳିତ ହୋଇଛି ।

ମୋର ସେନା ଅଭିଜ୍ଞତାରୁ ଆଉ ଏକ ପ୍ରମୁଖ ଶିକ୍ଷା ହେଉଛି ଦଳଗତ କାର୍ଯ୍ୟ ଏବଂ ମନୋବଳର ଶକ୍ତି। ମାନବ ସମ୍ବଳ ବିଭାଗର ମୁଖ୍ୟ ଭାବରେ ଦାୟିତ୍ୱ ନେବା ପରେ ମୁଁ ମଧ୍ୟ ଚେଷ୍ଟା କରେ ସଭିଙ୍କ ଭିତରେ ସହଭାଗିତା, ଅନୁକୂଳ କ୍ଷମତା ତଥା ସଭିଙ୍କ ଉଦ୍ଦେଶ୍ୟରେ ସମସ୍ତଙ୍କ ପାଇଁ ଏଭଳି ଏକ ପରିବେଶ ଗଢ଼ି ଉଠୁ ଯେଉଁଠାରେ ପ୍ରତ୍ୟେକେ ନିଜକୁ ମୂଲ୍ୟବାନ ବୋଧ କରିପାରିବ, ଯାହା ଆମ ସମସ୍ତଙ୍କର ଲକ୍ଷ୍ୟକୁ ସାଧିତ କରିପାରିବ ।

ଯଦିଓ, ୟୁନିଫର୍ମ ବଦଳିଛି ମାତ୍ର ଲକ୍ଷ୍ୟ ବଦଳି ନାହିଁ । ଆଜି ବି ସେଇ ଲକ୍ଷ୍ୟ ନେଇ ମୁଁ କାମ କରୁଛି ତାହା ହେଉଛି ଲୋକଙ୍କର ସେବା କରିବା । ସେନା ମୋତେ ବିଶ୍ୱାସ ଏବଂ ସହାନୁଭୂତି ସହ ନେତୃତ୍ୱ ଦେବାକୁ ଶିଖାଇଛି ଏବଂ ଟିପିଏସ୍ଓଡିଏଲ୍ ମୋତେ ସେହି ନୀତିଗୁଡ଼ିକୁ ପ୍ରୟୋଗ କରିବାର ପ୍ଲାଟଫର୍ମ୍ ଦେଇଛି, ଜୀବନକୁ ଉତ୍ସାହିତ କରିବା ଏବଂ ସମାଜକୁ ସଶକ୍ତ କରିବା ପାଇଁ।

**ପ୍ରଶ୍ନ :- ଉଭୟ ଭାରତ ଏବଂ ଭାରତ ବାହାରେ ଆପଣ କାର୍ଯ୍ୟ କରିବା ସହିତ ନାଇଜେରିଆରେ ମଧ୍ୟ ଆପଣଙ୍କର କାର୍ଯ୍ୟ କରିବାର ଅଭିଜ୍ଞତା ରହିଛି । ଏହି ସମୟର କିଛି ଅନୁଭୂତି ଆପଣ ଆମ ସହ ବାଣ୍ଟିବେ କି ?**

**ଉତ୍ତର :-** ଉଭୟ ଭାରତ ଏବଂ ବିଦେଶରେ କାର୍ଯ୍ୟ କରିବା ସମୟରେ ତଥା ନାଇଜେରିଆରେ କାର୍ଯ୍ୟ ସମ୍ପାଦନ କରିବା ମୋ ପାଇଁ ଏକ ବିଶେଷ ଅଭିଜ୍ଞତା ଥିଲା । ଯାହା ମୋତେ ନେତୃତ୍ୱ ନେବାର ବିଶେଷ ଦକ୍ଷତା, ଅନୁକୂଳ କ୍ଷମତା ଏବଂ ସାଂସ୍କୃତିକ ବୁଦ୍ଧିମତାରେ ବିଶେଷ ଶିକ୍ଷା ପ୍ରଦାନ କରିଛି । ପ୍ରତ୍ୟେକ ପରିବେଶରେ କାମ କରିବା ମୋ ପାଇଁ ଭିନ୍ନ ଆହ୍ୱାନ ଆଣିଥିଲା । ଏଥିସହିତ ସୁଯୋଗ ମଧ୍ୟ ଯାହା ମୋତେ ଲୋକମାନଙ୍କୁ, ଅନୁଷ୍ଠାନ ଏବଂ ଏହାର ଉଦ୍ଦେଶ୍ୟକୁ ବୁଝିବାରେ ମୋତେ ସହାୟ ହୋଇପାରିଥିଲା।

**ପ୍ରଶ୍ନ :- ଟିପିଏସ୍ଓଡିଏଲ୍ ଏବେ ଓଡ଼ିଶାର ବିକାଶରେ ଏକ ଅଗ୍ରଣୀ ସ୍ଥାନ ଗ୍ରହଣ କରିଛି । ଆପଣ କମ୍ପାନୀର ମାନବ ସମ୍ବଳ ବିଭାଗର ମୁଖ୍ୟ ଭାବରେ ଟିପିଏସ୍ଓଡିଏଲର ଭବିଷ୍ୟତକୁ ଏବଂ ଲୋକ ସଂସ୍କୃତିକୁ କିପରି ଦେଖୁଛନ୍ତି ?**

**ଉତ୍ତର:-** ନିଶ୍ଚିତ ଭାବରେ ଟିପିଏସ୍ଓଡିଏଲ୍ ଏବେ ଓଡ଼ିଶାର ବିକାଶ ଧାରାରେ ଏକ ପ୍ରମୁଖ ଭୂମିକା ନିଭାଉଛି । ଯେକୌଣସି ଅଞ୍ଚଳର ଅଗ୍ରଗତିକୁ ସମର୍ଥନ କରିବା ଲୋକଙ୍କ ଜୀବନକୁ ଆଲୋକିତ କରିବା ଦିଗରେ ଟିପିଏସ୍ଓଡିଏଲ୍ ତାର ପ୍ରତିବଦ୍ଧତା ଦର୍ଶାଉଛି । ମାନବ ସମ୍ବଳ ବିଭାଗର ମୁଖ୍ୟ ହିସାବରେ ମୁଁ ମଧ୍ୟ ଏ କଥା ବିଶ୍ୱାସ କରୁଛି ଯେ ଆମର ଲୋକ ଏବଂ ସଂସ୍କୃତି କମ୍ପାନୀର ଭବିଷ୍ୟତକୁ ଗଢ଼ିବାରେ ଏକ ନିର୍ଣ୍ଣାୟକ ଶକ୍ତି ହେବ । ଟିପିଏସ୍ଓଡିଏଲରେ, ଆମେ ଏକ ଏପରି ଏକ ସଂସ୍କୃତିକୁ ସମର୍ଥନ କରୁଛୁ ଯାହା କାର୍ଯ୍ୟଦକ୍ଷତାକୁ ଉଦ୍ଦେଶ୍ୟ ସହ ସଂଯୋଗ କରେ, ଯାହା ଦାୟିତ୍ୱବୋଧ, ସମର୍ଥନ ଏବଂ ନିରନ୍ତର ଶିକ୍ଷାକୁ ମଧ୍ୟ ଗୁରୁତ୍ୱ ଦେଇଥାଏ ।

**ପ୍ରଶ୍ନ :- ବହୁ କର୍ମଚାରୀ ସେମାନଙ୍କର ନେତୃତ୍ୱ ନେଉଥିବା ବରିଷ୍ଠ ଅଧିକାରୀମାନଙ୍କୁ ଏକ ପ୍ରେରଣା ହିସାବରେ ଦେଖନ୍ତି । ଆପଣ ଯୁବ ତଥା ନବାଗତ କର୍ମଚାରୀ ଯେଉଁମାନେ ସେମାନଙ୍କର କର୍ମମୟ ଜୀବନ ଏବଂ କ୍ୟାରିୟର ଆରମ୍ଭ କରୁଛନ୍ତି ସେମାନଙ୍କୁ କଣ କହିବେ ?**

**ଉତ୍ତର :-** ଯେଉଁ ଯୁବ ଏବଂ ନବାଗତ କର୍ମଚାରୀମାନେ ଟିପିଏସ୍ଓଡିଏଲରେ ନିଜର କ୍ୟାରିୟର ଆରମ୍ଭ କରିଛନ୍ତି ଏବଂ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ କହିବି ସେମାନେ ସମସ୍ତେ ଏଭଳି ଏକ ଅନୁଷ୍ଠାନରେ କାମ କରୁଛନ୍ତି ଯାହା କେବଳ ପ୍ରତି ଘରେ ଆଲୋକ ପହଞ୍ଚାଉଛି ତାହା ନୁହେଁ ବରଂ ଲୋକଙ୍କ ଜୀବନକୁ ସଶକ୍ତ ଓ ସମୃଦ୍ଧ କରିବାରେ ମଧ୍ୟ ବିଶେଷ ଭୂମିକା ନେଉଛି । ଯେକୌଣସି ଦାୟିତ୍ୱରେ ବି ସେମାନେ ଥାଆନ୍ତୁ ନା କାହିଁକି ପଛକେ ତାହା ଛୋଟ ହେଉ କି ବଡ଼ ସମସ୍ତେ ଓଡ଼ିଶାର ବିକାଶ, ଦେଶର ପ୍ରଗତି ଏବଂ ଟାଟା ଲିଗାସି ତଥା ଟାଟା ଗୋଷ୍ଠୀର ଐତିହ୍ୟକୁ ସମର୍ଥନ କରୁଛନ୍ତି । ଶିକ୍ଷା ଏବଂ ଅନୁସନ୍ଧାନ, ସତ୍ୟନିଷ୍ଠା ଓ ଦାୟିତ୍ୱବୋଧତା, ଅନୁକୂଳ କ୍ଷମତା ଏବଂ ସକରାତ୍ମକତାକୁ ପାଥେୟ କରି ଯେକୌଣସି ପରିସ୍ଥିତିରେ ନୂଆ ନୂଆ ଅନୁଭୂତି ସାଉଁଟିବା ଉଚିତ୍ ।

**ପ୍ରଶ୍ନ :- କର୍ମମୟ ଜୀବନ ବ୍ୟତୀତ ଆପଣ ଜଣେ ବାଇକର, କବି, ଫିଟନେସ୍ ପ୍ରେମୀ ଏବଂ ଜଣେ ପୋଷା ପ୍ରାଣୀ ପ୍ରେମୀ ମଧ୍ୟ । ଏସବୁ ଭିତରୁ ଆପଣଙ୍କୁ କେଉଁଟି ଅଧିକ ଆନନ୍ଦ ଦିଏ ଏବଂ ବୃତ୍ତିଗତ ଜୀବନ ଓ ବ୍ୟକ୍ତିଗତ ଜୀବନରେ ସନ୍ତୁଳନ ରକ୍ଷା କରିବାରେ ସହାୟ ହୁଏ ?**

**ଉତ୍ତର :-** ମୋର ପ୍ରତିଟି ପ୍ରବୃତ୍ତି, ସେ ଖୋଲା ରାସ୍ତାରେ ବାଇକ୍ ଚଲାଇବା ହେଉ କି କବିତା ଲେଖିବା ହେଉ, ସୁସ୍ଥ ରହିବା, ଏବଂ ମୋର ପୋଷା ପ୍ରାଣୀମାନଙ୍କୁ ଭଲ ପାଇବା ସବୁ କିଛି ମୋର ବ୍ୟକ୍ତିତ୍ୱର ବିଭିନ୍ନ ଦିଗକୁ ପ୍ରତିଫଳିତ କରେ । ଏସବୁ କିଛି ମୋତେ ନମ୍ର, ମାଟି ମନା ହୋଇ ରହିବା, ଦୟାଳୁ ହୋଇ ରହିବାକୁ ଖୋରାକ ଯୋଗାଇଥାଏ ।

**ପ୍ରଶ୍ନ :- ଆମେ ଶୁଣିଛୁ ଯେ ଆପଣ ଉର୍ଦ୍ଦୁ କବିତା ମଧ୍ୟ ଲେଖନ୍ତି । କବିତା ଲେଖିବା କିଭଳି ଭାବେ ଲୋକଙ୍କ ସହ ସମ୍ବନ୍ଧ ସ୍ଥାପନ କରିବା ତଥା ଉଭୟ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ଏକ ସଂଯୋଗ ହିସାବରେ କାମ କରେ ସେ ବିଷୟରେ କହିବେ କି ?**

**ଉତ୍ତର :-** ହଁ, ମୁଁ ଉର୍ଦ୍ଦୁ କବିତା ଲେଖେ । ଏହା ହେଉଛି ମୋ ହୃଦୟର ଖୁବ୍ ନିକଟତମ । ମୋ ପାଇଁ କବିତା କେବଳ ଏକ କଳାତ୍ମକ ଅଭିବ୍ୟକ୍ତି ନୁହେଁ । ବରଂ ଜୀବନକୁ ଗଭୀର ଭାବରେ ଉପଭୋଗ କରିବା ଏବଂ ଏହାକୁ ପୂର୍ଣ୍ଣ ଭାବରେ ଅନୁଭବ କରିବାର ଏକ ମାଧ୍ୟମ । କବିତା ଲେଖିବା ଆପଣଙ୍କୁ ଶିଖାଇଥାଏ, କେବଳ ଶବ୍ଦକୁ ଶୁଣିବା ନୁହେଁ, ତା ଛଡ଼ା ନିରବତା, ଭାବନା ଏସବୁକୁ ଜାଣିବା ମଧ୍ୟ କବିତା ଯୋଗୁଁ ହୋଇପାରିଥାଏ, ଯାହା ମୁଁ ବିଶ୍ୱାସ କରେ । ବ୍ୟକ୍ତିଗତ ସ୍ତରରେ, କବିତା ମୋତେ ସ୍ଥିର ଏବଂ ଚିନ୍ତନଶୀଳ ରଖେ । ଏହା କର୍ପୋରେଟ୍ ଜୀବନର ବ୍ୟସ୍ତତାରେ ସନ୍ତୁଳନ ଆଣେ । କବିତା ମୋତେ ସବୁ ଦିଗରୁ କେବଳ ଜଣେ ଲେଖକ କିମ୍ବା କବି କରିନାହିଁ, ବରଂ ଜଣେ ଭଲ ଶ୍ରୋତା ଏବଂ ଯୋଗାଯୋଗର ଏକ ବାର୍ତ୍ତାବହ ହିସାବରେ ଗଢ଼ି ତୋଳିଛି ।

**ପ୍ରଶ୍ନ:- "ଅରୁଣିମା" ମାଧ୍ୟମରେ ଆପଣ ଟିପିଏସ୍ଓଡିଏଲର ପରିବାରକୁ କଣ କହିବାକୁ ଚାହିଁବେ ।**

**ଉତ୍ତର :-** ମୋର ପ୍ରିୟ ଟିପିଏସ୍ଓଡିଏଲର ପରିବାର, ଆପଣ ସମସ୍ତେ ଏ ପରିବାରର ତଥା ଏ ଅନୁଷ୍ଠାନର ଜଣେ ଜଣେ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ଅମୂଲ୍ୟ ସମ୍ବଳ । ଆମେ ସମସ୍ତେ ଏକତ୍ରିତ ହୋଇ କେବଳ କମ୍ପାନୀର ବିକାଶକୁ ପ୍ରୋତ୍ସାହିତ କରୁନାହୁଁ ବରଂ ଏକ ସମୁଦାୟକୁ ସମର୍ଥନ କରୁଛୁ ଯାହା ଓଡ଼ିଶାର ବିକାଶ ଧାରାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି ।

ଜଣେ ନେତୃତ୍ୱ ନେଉଥିବା ଅଧିକାରୀ ଏବଂ ଜଣେ ସହକର୍ମୀ ହିସାବରେ ଏହା ହିଁ କହିବି ଆମର ଲୋକମାନେ, ସେମାନଙ୍କ ତ୍ୟାଗ, ନୂଆ ଚିନ୍ତାଧାରା ଏବଂ କାମ କରିବାର ସ୍ପୃହା ହିଁ ଆମର ମୁଖ୍ୟ ସମ୍ବଳ । ଆମେ ସମସ୍ତେ ଏକ ସ୍ଥାୟୀ ବିକାଶକୁ ସମର୍ଥନ କରିବା ତଥା ଏକ ସୁନ୍ଦର ଆସନ୍ତାକାଲି ପାଇଁ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛୁ ।

## CEO's DESK



Dear Team,

As we enter the second-to-last quarter of this financial year, I would like to take a moment to thank each of you for your dedication and resilience. Over the past months, we've faced several challenges, but together we turned them into opportunities and achieved meaningful progress. I encourage you to carry this momentum forward into the coming quarter.

Over the years, we have not only lit the lives of people but also encouraged them to adopt Solar rooftop, a sustainable energy solution. Our efforts to make solar rooftop adoption more accessible have taken a significant leap with the launch of the Utility-Led Aggregation model under PM Surya Ghar Muft Bijli Yojana. Under this initiative, consumers can now opt for solar rooftops with a one-time payment of just ₹5,000, making clean energy more affordable.

Each solar rooftop installed is a step towards reducing carbon emissions, conserving natural resources, and ensuring energy security for generations to come. Your relentless efforts in driving this transformation make us not just a power utility but a catalyst for sustainable change.

Together, let's continue to champion clean energy solutions, inspire communities, and power Odisha towards a greener tomorrow.

Warm Regards,
**Mr. Amit Kumar Garg**
**CEO TPSODL**

# ପାଞ୍ଚ ହଜାର ଟଙ୍କାରେ ସୌର ପ୍ୟାନେଲ ସ୍ଥାପନର ସୁବିଧା ଆଣିଛି - ଟିପିଏସ୍ଓଡିଏଲ୍

ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନାର ୟୁଏଲଏ ମଡେଲ ଉପଭୋକ୍ତାଙ୍କ ପାଇଁ ସାଜିଛି ଏକ ଭରସାଯୋଗ୍ୟ ମାଧ୍ୟମ । ଏଣିକି ମାତ୍ର ୫୦୦୦ ଟଙ୍କାରେ ନିଜ ଘରର ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ କରିପାରିବେ ଉପଭୋକ୍ତା । ଏହି ଯୋଜନାର ଲାଭ ଘରୋଇ ତଥା ୧କିଲୋୱାଟ୍ କଣ୍ଟ୍ରାକ୍ଟ ଡିମାଣ୍ଡ ଥିବା ଉପଭୋକ୍ତା ସୁଲଭ ମୂଲ୍ୟରେ ପାଇପାରିବେ । ନେଟ୍ ମିଟର ସମ୍ପୂର୍ଣ୍ଣ ଦେୟମୁକ୍ତ ହୋଇଥିବାବେଳେ, କେବଳ ସୋଲାର ମିଟର ବାବଦରେ ତିନି ହଜାର ସାତଶହ ସତଚାଳିଶ ଟଙ୍କା ବ୍ୟତୀତ ଅନ୍ୟ କୌଣସି ଅତିରିକ୍ତ ଦେୟ ଉପଭୋକ୍ତାଙ୍କୁ ଦେବାକୁ ପଡ଼ିବ ନାହିଁ ।

ସ୍ଥାପନ ହୋଇଥିବା ସୋଲାର ସିଷ୍ଟମରୁ ମାସିକ ହାରାହାରି ୧୦୦ୟୁନିଟ୍ ପର୍ଯ୍ୟନ୍ତ ସୌର ବିଦ୍ୟୁତ ଶକ୍ତି ଉତ୍ପାଦିତ ହେବା ସହିତ ସୌର ପ୍ୟାନେଲର ସଠିକ ରକ୍ଷଣାବେକ୍ଷଣ ଯୋଗୁଁ ଏହା ପ୍ରାୟ ୨୫ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେବ । ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନାର ୟୁଏଲଏ ମଡେଲ ଅଧିନରେ ଉପଭୋକ୍ତା ସୌର ପ୍ୟାନେଲ ସ୍ଥାପନ କରିଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କଠାରୁ ଯଥାକ୍ରମେ ୩୦ହଜାର ଓ ୨୫ହଜାର ଟଙ୍କାର ସରକାରୀ ସବସିଡି ମିଳିବ । ଅର୍ଥାତ୍ ମାତ୍ର ୫୦୦୦ ଟଙ୍କାରେ ସୌର ପ୍ୟାନେଲ ସ୍ଥାପନ କରି ଉପଭୋକ୍ତା ସର୍ବମୋଟ ୫୫ହଜାର ଟଙ୍କାର ସବସିଡି ପାଇପାରିବେ ।

ସ୍ୱଚ୍ଛ ଓ ସବୁଜ ଶକ୍ତିକୁ ଆପଣେଇବା ପାଇଁ ଟିପିଏସ୍ଓଡିଏଲ୍ ସଦାସର୍ବଦା ପ୍ରୋତ୍ସାହନ ଯୋଗାଇ ଆସୁଛି । ଏହି ଯୋଜନା ଉପଭୋକ୍ତାଙ୍କ ପାଇଁ ଲାଭଦାୟକ ହେବା ସହିତ ବେଶ୍ ଉପଯୋଗୀ ହୋଇପାରିବ । ଟିପିଏସ୍ଓଡିଏଲର କର୍ପୋରେଟ ଅଫିସ ସମେତ ୧୮ଟି ଅଫିସ ଏବେ ସୁଦ୍ଧା ସୌର ଶକ୍ତି ଦ୍ୱାରା ପରିଚାଳିତ ହେଉଛି । କର୍ପୋରେଟ ଅଫିସରେ ସ୍ଥାପନ ହୋଇଥିବା ୧୦୦କିଲୋୱାଟ୍ କ୍ଷମତାର ସୌର ପ୍ୟାନେଲରୁ ମାସିକ ପ୍ରାୟ ୧୨ହଜାରରୁ ୧୫ହଜାର ୟୁନିଟର ସୌର ବିଦ୍ୟୁତ ଶକ୍ତି ଉତ୍ପନ୍ନ ହୋଇପାରୁଛି । ସୌର ଶକ୍ତିର ବ୍ୟବହାର ବହୁଳ ଭାବରେ କରିବା ପାଇଁ ଟିପିଏସ୍ଓଡିଏଲ୍ ତରଫରୁ ବିଭିନ୍ନ ଗାଁ ଏବଂ ପଞ୍ଚାୟତ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।


## ଆପଣ ଜଣେ ଘରୋଇ ଉପଭୋକ୍ତା କି!!

**ଏଥର ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ କରିବା ହେଲା ଆହୁରି ସହଜ ।**



**ସ୍ୱଳ୍ପ ଖର୍ଚ୍ଚ, ଦୀର୍ଘ ସ୍ଥାୟୀ ।**

ଆଜି ହିଁ ପିଏମ୍ ସୂର୍ଯ୍ୟ ଘର ଯୋଜନାରେ ୟୁଏଲ୍ଏ ମଡେଲ ଅଧିନରେ ନୂତନ ଯୋଜନା ଅନୁସାରେ ୧କିଲୋୱାଟ୍ ରୁଫ୍ ଟପ୍ ସୋଲାର ସ୍ଥାପନ କରନ୍ତୁ

ମାତ୍ର ୫୦୦୦ଟଙ୍କାରେ ଆଜି ହିଁ ଆବେଦନ କରନ୍ତୁ
ଏଥିସହିତ ଅତିରିକ୍ତ
ସୋଲାର ମିଟର ଚାର୍ଜ ମାତ୍ର **୩,୭୪୭/-** ।
ପାଆନ୍ତୁ, ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠାରୁ **୫୫,୦୦୦/-** ସବସିଡି

National Toll free number:
**15555**
TPSODL Toll free nuumber:
**18002026/1912**
www.pmsuryaghar.gov.in
ନିୟମ ଓ ସର୍ତ୍ତାବଳୀ ଲାଗୁ



1 Executive Spotlight
3 Operational Excellence
4 Consumer Centricity
5 Event Hub
6 Empowering Community
7 Travel Treasure
8 In Focus
9 Fun Zone
10 In News

# Operational Excellence

## TPSODL ensures a Reliable Power Supply to the Newly Established Teaching Hospital at Koraput Medical College



TPSODL ensures a Reliable Power Supply to the Newly Established Teaching Hospital at Koraput Medical College TPSODL has commissioned a 33-kV power supply with a 500-kVA distribution transformer for the newly built 650-bed teaching hospital at Shaheed Laxman Nayak Medical College (SLNMC) in Koraput. A 33-kV line has been laid from the Sunabeda Grid Substation to the Koraput Old Power Substation, and from there, a dedicated 33-kV line has been extended to the hospital building. This new connection includes 700 circuit meters of line supported by 20 poles, ensuring that critical healthcare facilities receive a seamless power supply.

This dedicated power setup will provide reliable and uninterrupted electricity to the hospital, hostels, and newly constructed residential quarters on the premises.

## ଟିପିଏସ୍‌ଓଡିଏଲ୍ ତରଫରୁ ଓମବିହାର ପିଏସ୍‌ଏସ୍ କାର୍ଯ୍ୟକ୍ଷମ

ସମଗ୍ର ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଟିପିଏସ୍‌ଓଡିଏଲ୍ ତରଫରୁ ନିଆଯାଉଛି ବହୁ ଅଭିନବ ପଦକ୍ଷେପ । ଏହି କ୍ରମରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସିଟି ସର୍କଲ ଅଧୀନସ୍ଥ, ଗୋଷାଣୀନୂଆଗାଁ ସେକ୍ସନର ଓମବିହାରଠାରେ ନୂତନ ୩୩/୧୧ କେଭି ପ୍ରାଇମେରୀ ସବଷ୍ଟେସନ (ପିଏସ୍‌ଏସ୍) ସ୍ଥାପନ ହେବା ସହିତ କାର୍ଯ୍ୟକ୍ଷମ ହୋଇଛି । ଉଲ୍ଲେଖନୀୟ କାର୍ଯ୍ୟଶୈଳୀ ସହିତ ମାତ୍ର ୮୩ ଦିନରେ ଏହି ଉତ୍କର୍ଷତାକୁ ହାସଲ କରିଛି ଟିପିଏସ୍‌ଓଡିଏଲ୍ ।



ଓମବିହାର ପିଏସ୍‌ଏସ୍ ଓମବିହାର ଅଞ୍ଚଳ ସମେତ ଉତ୍ତରେଶ୍ୱର ମନ୍ଦିର, ଅନ୍ଧପସରା, ଗୁଣ୍ଡିଚା ମନ୍ଦିର ଓ ହଳଦିଆପଦର ଆଦି ଅଞ୍ଚଳକୁ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଇବାରେ ସହାୟକ ହେବ । ଏହି ପ୍ରାଇମେରୀ ସବଷ୍ଟେସନରେ ଦୁଇଟି ୧୨.୫/୧୬ ଏମଭିଏର ଟ୍ରାନ୍ସଫର୍ମର ସ୍ଥାପନ ହୋଇଛି । ଯାହା ଅଞ୍ଚଳର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିଛି ଓ ପ୍ରାୟ ୩୦ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତା ଉପକୃତ ହୋଇପାରିଛନ୍ତି । ଏଥିସହିତ ୩୩କେଭିର ଆରଏମୟୁ, ୧୬କିଲୋମିଟର ପର୍ଯ୍ୟନ୍ତ ୩୩କେଭି ଓ ୧୧କେଭିର ଭୂତଳ ବିଦ୍ୟୁତ ଲାଇନ ତାର ସଂଯୋଗ ହୋଇଛି ।

କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗଙ୍କ ଦ୍ୱାରା ଏହି ପିଏସ୍‌ଏସ୍ ଉଦଘାଟିତ ହୋଇଛି । ବହୁ ପ୍ରତିକୂଳ ପରିସ୍ଥିତି ଓ ଭୌଗୋଳିକ ଆହ୍ୱାନ ସତ୍ତ୍ୱେ ଟିପିଏସ୍‌ଓଡିଏଲ୍ ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଇବା ପାଇଁ ଏହି ପ୍ରାଇମେରୀ ସବଷ୍ଟେସନର କାର୍ଯ୍ୟ ସମାପ୍ତ କରିବା ସହିତ କାର୍ଯ୍ୟକ୍ଷମ କରିପାରିଛି । ସେହି ଅଞ୍ଚଳରେ ବର୍ଷା ପାଣି ନିଷ୍କାସନ, ଅଣଓସାରିଆ ରାସ୍ତା ଭଳି ବହୁ ସମସ୍ୟା ଥିବା ଯୋଗୁଁ ଟିପିଏସ୍‌ଓଡିଏଲକୁ କାର୍ଯ୍ୟ ସମାପନ କରିବାରେ ବହୁ ବାଧା ଉପୁଜିଥିଲା । ମାତ୍ର, ଦୃଢ଼ ମନୋବଳ, ଉତ୍ତମ ଦଳଗତ ପ୍ରଦର୍ଶନ ଓ ପରସ୍ପରର ସହଯୋଗ ବଳରେ ଏହି କାର୍ଯ୍ୟ ଖୁବ୍ କମ୍ ଦିନରେ ଶେଷ ହୋଇପାରିଛି ।

ଓମବିହାର ପିଏସ୍‌ଏସ୍ ସୌର ଶକ୍ତି ଦ୍ୱାରା ପରିଚାଳିତ ହେଉଛି । ଏଥିପାଇଁ ୨୦କିଲୋୱାଟ କ୍ଷମତାର ସୌର ପ୍ୟାନେଲ ସ୍ଥାପନ ହୋଇଛି । ସ୍ୱଚ୍ଛ ଓ ସବୁଜ ଶକ୍ତିର ବ୍ୟବହାରକୁ ପ୍ରାଧାନ୍ୟ ଦେବା ଓ ତାର ବ୍ୟବହାରକୁ ପ୍ରୋତ୍ସାହନ ଦେବା ଲାଗି ଟିପିଏସ୍‌ଓଡିଏଲ୍ ସଦା ପ୍ରତିବଦ୍ଧ ।

# Consumer Centricity

## ଜାଣନ୍ତି କି !! ?

ବିଦ୍ୟୁତ ବିଲ୍ କ୍ଷେତ୍ରରେ ଆପଣ ଯଦି ଇ-ବିଲ୍ ପ୍ରକ୍ରିୟାରେ ସାମିଲ ହୁଅନ୍ତି, ତେବେ ଆପଣଙ୍କୁ ପ୍ରତି ମାସର ବିଲ୍ ରେ ୧୦ଟଙ୍କା ରିହାତି ମିଳିବ ।

### ପ୍ରତି ମାସର ବିଦ୍ୟୁତ ବିଲ୍ କେମିତି ମିଳିବ

- ପ୍ରତି ମାସର ବିଦ୍ୟୁତ ବିଲ୍ ଆପଣଙ୍କୁ ଆପଣଙ୍କ ପଞ୍ଜିକୃତ ହୋଇଥିବା ମୋବାଇଲ ନମ୍ବରରେ ମେସେଜ ଆକାରରେ ମିଳିବ
- ଏଥିସହିତ ଆପଣଙ୍କ ହ୍ୱାଟ୍ସଆପ୍ ନମ୍ବରରେ ମଧ ପ୍ରତି ମାସର ବିଦ୍ୟୁତ ବିଲ୍ ମିଳିବ

### ଇ-ବିଲ୍ ପାଇଁ କେମିତି ଆବେଦନ କରିବେ

- ଟିପିଏସ୍ଓଡିଏଲର ହ୍ୱାଟ୍ସଆପ୍ ଚାଟ୍ ବଟ୍ ମାଧମରେ ୭୭୭୭୦୦୨୩୭୫ ନମ୍ବରରେ ମେସେଜ କରି ଇ-ବିଲ୍ ପ୍ରକ୍ରିୟାରେ ସାମିଲ ହୋଇପାରିବେ
- ନିକଟସ୍ଥ ବିଦ୍ୟୁତ କାର୍ଯ୍ୟାଳୟ କିମ୍ବା ଗ୍ରାହକ ସମ୍ପର୍କ କେନ୍ଦ୍ର(ସି.ଆର.ସି) ରେ ପ୍ରତ୍ୟକ୍ଷ ଭାବେ ଆବେଦନ କରିପାରିବେ
- ଟିପିଏସ୍ଓଡିଏଲର ଟୋଲ୍-ଫ୍ରି ନମ୍ବର ୧୮୦୦୨୦୨୬ କିମ୍ବା ୧୯୧୨ରେ ସମ୍ପର୍କ କରି ମଧ ଇ-ବିଲ୍ ଆପଣାଇ ପାରିବେ



## Happy Consumer



**ଅତୁଲ ପାଣିଗ୍ରାହୀ,** ପାରଳାଖେମୁଣ୍ଡି

ଟିପିଏସ୍ଓଡିଏଲ୍ ଯୋଗାଉଥିବା ବିଦ୍ୟୁତ ସେବାରେ ମୁଁ ଅତ୍ୟନ୍ତ ଆନନ୍ଦିତ । ଯେକୌଣସି ସମୟରେ ଯାହା କିଛି ବି ଅସୁବିଧା ହେଲେ ଖୁବ୍ ଶୀଘ୍ର ତାର ସମାଧାନ ହୋଇପାରୁଛି । ନିକଟରେ ମୁଁ ମୋର ଓନରସିପ୍ ବଦଳେଇବା ପାଇଁ ପାରଳାଖେମୁଣ୍ଡି ସ୍ଥିତ ଗ୍ରାହକ ସମ୍ପର୍କ କେନ୍ଦ୍ର ଆସିଥିଲି । ଏଠାକାର କର୍ମଚାରୀମାନଙ୍କର ମୋ ପ୍ରତି ଉତ୍ତମ ବ୍ୟବହାର ଥିଲା । ଏବଂ ମୋର କାମ ଠିକ୍ ଭାବରେ ହୋଇ ପାରିଲା । ଏଥିପାଇଁ ମୁଁ ଟିପିଏସ୍ଓଡିଏଲକୁ ଧନ୍ୟବାଦ ଜଣାଉଛି ।



**ସଂଗ୍ରାମ କେଶରୀ ନାୟକ,** ଗଞ୍ଜାମ

ପୂର୍ବରୁ ଥିବା ଲୋ-ଭୋଲ୍ଟେଜ ସମସ୍ୟା ଯୋଗୁଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା । ଟିପିଏସ୍ଓଡିଏଲର ତ୍ୱରିତ ସେବା ଯୋଗୁଁ ଆମ ଅଞ୍ଚଳରେ ନୂତନ ଟ୍ରାନ୍ସଫର୍ମର ବସି ପାରିଲା । ଯାହା ଦ୍ୱାରା ଏବେ କୌଣସି ସମସ୍ୟା ନାହିଁ । ଯେତେବେଳେ ବି କୌଣସି ସମସ୍ୟା ହେଉଛି ଲାଇନମ୍ୟାନମାନେ ଶୀଘ୍ର ତାର ସମାଧାନ କରୁଛନ୍ତି । ଏଥିପାଇଁ ଟିପିଏସ୍ଓଡିଏଲକୁ ଧନ୍ୟବାଦ ଜଣାଉଛି ।



**Dhanurjaya Ghosh,** Khallikote

I recently installed a rooftop solar system on my house. I'm truly delighted with the experience. Within just 15 to 20 days of installation, all my electrical appliances began running on solar energy. The installation process was smooth, and the staff were extremely cooperative throughout. I also received my state and national subsidies within two months. Thanks to the solar setup, my electricity bill has dropped to almost zero, I now only pay a minimal service charge.

# Empowering Community

## ଯୁବଶକ୍ତିକୁ ସଶକ୍ତ କରୁଛି ଟିପିଏସ୍‌ଓଡିଏଲ୍



ଟିପିଏସ୍‌ଓଡିଏଲ୍ ତରଫରୁ ଗଞ୍ଜାମ ଜିଲ୍ଲା ସମରଝୋଳଠାରେ ଧନ୍ଦାମୂଳକ ତାଲିମ କେନ୍ଦ୍ର ସ୍ଥାପନ ହୋଇଛି । ଏହି କେନ୍ଦ୍ର କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗଙ୍କ ଦ୍ୱାରା ଉଦଘାଟିତ ହୋଇଛି । ଯୁବଶକ୍ତିକୁ ସଶକ୍ତ ଏବଂ ଆତ୍ମନିର୍ଭର କରିବା ଦିଗରେ ଏହା ବିଶେଷ ଭାବରେ ସହାୟକ ହେବ । ଶିକ୍ଷା ଓ ନିଯୁକ୍ତି ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବା ଏବଂ ସେମାନଙ୍କ ଜୀବନକୁ ଉନ୍ନତ କରିବା ଦିଗରେ ଟିପିଏସ୍‌ଓଡିଏଲର ପ୍ରୟାସ ବହୁ ଗୁରୁତ୍ୱ ରଖେ । ସମରଝୋଳ ତାଲିମ କେନ୍ଦ୍ରରେ ୱେଲ୍ଡିଂ ଓ ପ୍ଲମ୍ବିଂ ପାଇଁ ପ୍ରଶିକ୍ଷଣ ଦିଆଯିବ । ସେହିପରି ତାଲିମ ନେଉଥିବା ଶିକ୍ଷାର୍ଥୀମାନେ, ତାଲିମ ଶେଷ ହେବା ପରେ ବିଭିନ୍ନ କ୍ଷେତ୍ରରେ ମଧ୍ୟ ନିଯୁକ୍ତି ପାଇପାରିବେ ।

ସେହିପରି କମ୍ପାନୀ ତରଫରୁ ଆୟୋଜିତ ନିଯୁକ୍ତି ଏବଂ ନିଯୁକ୍ତି ଯୋଗ୍ୟତା କାର୍ଯ୍ୟକ୍ରମ ଅଧିନରେ ଦକ୍ଷତା ବିକାଶ ତାଲିମ ଜରିଆରେ କୋରାପୁଟ ଜିଲ୍ଲାର ୪୫ଜଣ ଯୁବକ ଓ ଯୁବତୀମାନେ ସଫଳତାର ସହିତ ତାଲିମ ସମାପ୍ତ କରିଛନ୍ତି । ଏଥିସହିତ ୧୬ଜଣ ଯୁବକ ଯୁବତୀ, ଉତ୍କର୍ଷ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କର ବିଭିନ୍ନ ବିଭାଗରେ ନିଯୁକ୍ତି ପାଇଁ ଚୟନ ହୋଇଛନ୍ତି ।

ଟିପିଏସ୍‌ଓଡିଏଲ୍ ତରଫରୁ ଗଞ୍ଜାମ ଜିଲ୍ଲା ପୋଲସରାରେ ଅବସ୍ଥିତ ମୋବାଇଲ ମରାମତି କେନ୍ଦ୍ରରେ ମଧ୍ୟ ତାଲିମ ନେଉଥିବା ଯୁବକ ଯୁବତୀମାନେ ସଫଳତାର ସହ ପ୍ରଶିକ୍ଷଣ ସମାପ୍ତ କରିବା ସହିତ ସ୍ୱାବଲମ୍ବୀ ହୋଇପାରିଛନ୍ତି । କେହିକେହି ନିଜେ ନୂଆ ମୋବାଇଲ ଦୋକାନ, ବିୟୁଟି ପାର୍ଲର କରିବାରେ ସମର୍ଥ ହୋଇପାରିଥିବା ବେଳେ ଆଉ କେହି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇପାରିଛନ୍ତି ।

ସମାଜର ମୁଖ୍ୟସ୍ରୋତରେ ଯୁବଶକ୍ତିକୁ ସାମିଲ କରିବା ଓ ସେମାନଙ୍କ ଆର୍ଥିକ ଏବଂ ସାମାଜିକ ଜୀବନକୁ ସଶକ୍ତ କରିବା ପାଇଁ ଟିପିଏସ୍‌ଓଡିଏଲ୍ ସଦା ପ୍ରତିବଦ୍ଧ ।

## TPSODL Honours Mother Nature with 'Ek Ped Maa Ke Naam' Plantation Drive


TPSODL organised a plantation drive "Ek Ped Maa Ke Naam," encouraging employees to plant a tree and dedicate it to their mothers as a gesture of love, respect, and commitment to sustainability. The drive took place in Berhampur, Bhanjanagar, in collaboration with the Odisha Forest Department and Bissam Cuttack.

Over 90 volunteers, led by CEO Mr. Amit Kumar Garg, came together to plant saplings in honour of their mothers, while addressing the urgent need for environmental protection through tree plantation.

In addition, a Seed Ball Gardening initiative was held at Aerendra Landa Mountain in collaboration with the Aryabhatta Foundation. This effort was strongly supported by Mr. Sudhir Rout, widely known as the 'Green Man of Odisha.'



By championing the "Ek Ped Maa Ke Naam" campaign, TPSODL reaffirms its commitment to building a sustainable future.



## TPSODL Hosts Special Screening of "Tanvi The Great"

TP Southern Odisha Distribution Limited (TPSODL), in partnership with Anupam Kher Studio, organised a special screening of the film "Tanvi The Great" at Gautam Cinema, Berhampur. The initiatives celebrate neurodiversity, promote inclusivity, and bring meaningful conversations about acceptance into the mainstream.

The event, attended by Mr Amit Kumar Garg, CEO, TPSODL, along with the Senior Leadership Team, saw participation of neurodiverse children, caregivers, educators, NGO partners, government representatives, and other key stakeholders, each playing a vital role in shaping an inclusive future.

The film "Tanvi The Great," produced by Anupam Kher Productions and partnered with NFDC (National Film Development Corporation), tells the story of a young autistic girl and her dream of joining the Indian Army. The screening was part of TPSODL's flagship Pay Autention initiative, a program under Tata Power's larger vision of building equitable, inclusive, and empathetic communities.

Beyond being a cinematic experience, the film served as a mirror to society, encouraging empathy and urging communities to recognise that neurodiverse individuals are different...but no less.

# Event Hub

## Smashes and Spins: TPSODL's Badminton & Table Tennis Showdown!



The three-day badminton and table tennis tournament concluded with action-packed final matches that captivated everyone until the very last point. It was inspiring to see colleagues unite with genuine passion and determination, cheering one another on and giving their best on the court and at the table. The energy, sportsmanship, and camaraderie made the event a memorable experience for everyone involved.

The award presentation ceremony, led by our CEO, Mr. Amit Kumar Garg, was a proud celebration of outstanding performances and exceptional sportsmanship. Each participant's contribution energized the event, making it a truly unforgettable experience for all involved.

Congratulations to the winners on their well-deserved victories!

A big shoutout to everyone who participated and contributed to the success of this tournament. Let's carry this incredible spirit of teamwork, passion, and excellence into all our future endeavors!





## TPSODL organised an Engaging Fitness Program




To promote health and productivity among its workforce, TP Southern Odisha Distribution Limited (TPSODL) organised a dedicated fitness program for employees across six circles; City Circle, Berhampur Circle, Banjanagar Circle, Aska Circle, Jeypore Circle, and Rayagada Circle. The initiative featured a diverse range of physical exercises, yoga sessions, and fitness games designed to make wellness both enjoyable and engaging.

A special session was also arranged exclusively for female employees, focusing on health awareness and promoting a holistic approach to women's well-being. These efforts reflect TPSODL's commitment to creating a healthy and active work environment.

The program witnessed enthusiastic participation, with employees engaged in these activities. Through this initiative, TPSODL aimed not only to enhance the physical well-being of its workforce but also to encourage employees to prioritise their health as a foundation for sustained productivity.

Further, such health and fitness activities are planned across all six circles, fostering a culture of wellness and energy-driven work life.

# ଆସ ବୁଲି ଯିବା ...
# ସମ୍ପର୍କର ସେତୁ - ଗୁରୁପ୍ରିୟା






ବାଲିମେଳା ଜଳ ବିଦ୍ୟୁତ ପ୍ରକଳ୍ପର ଜଳଭଣ୍ଡାର ଆଢୁଆଳରେ ରହି ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଥିବା ଜନସମୂହ ପାଇଁ ୨୦୧୮ ଜୁଲାଇ ୨୬ରେ ଉଦଘାଟିତ ହୋଇଥିଲା ଗୁରୁପ୍ରିୟା ସେତୁ । ଏହି ସେତୁକୁ ସମ୍ପର୍କର ସେତୁ ବୋଲି କୁହାଯାଏ । ଅପହଞ୍ଚ ଜନବସତିକୁ ମୁଖ୍ୟସ୍ରୋତ ସହ ଯୋଡ଼ି ସ୍ୱାଭିମାନ ଅଞ୍ଚଳର ମାନ୍ୟତା ଦେଇଥିବା 'ଗୁରୁପ୍ରିୟା ସେତୁ' ମାଲକାନଗିରିର ୮ଟି ଗ୍ରାମପଞ୍ଚାୟତ ତଥା ୧୫୧ଟି ଗାଁର ସାମାଜିକ ଓ ଆର୍ଥିକ ଜୀବନରେ ପ୍ରଗତି ଆଣିପାରିଛି । ବିକାଶର ଏହି ସେତୁ ଏବେ ଏକ ପର୍ଯ୍ୟଟନ ସ୍ଥଳୀରେ ପରିଣତ ହୋଇଛି । ଗୁରୁପ୍ରିୟା ସେତୁକୁ ଦେଖିବାକୁ ପର୍ଯ୍ୟଟକମାନେ ବହୁମାତ୍ରାରେ ପହଞ୍ଚୁଛନ୍ତି । ସେତୁ ଉପରେ ଠିଆ ହୋଇ ଜଳଭଣ୍ଡାରର ଦୂର ଦିଗବଳୟରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ମନୋରମ ଦୃଶ୍ୟ ଦେଖିବାକୁ ଭଲ ପାଉଛନ୍ତି ଓ ସେଲ୍ଫିର ମଜା ନେଉଛନ୍ତି ।

ଚିତ୍ରକୋଣ୍ଡା ଓ ଜାନବାଇକୁ ଯୋଡୁଥିବା ଗୁରୁପ୍ରିୟା ସେତୁର ଦୈର୍ଘ୍ୟ ୯୧୦ ମିଟର; ଏଠାରେ ପହଞ୍ଚିବା ପାଇଁ ମାଲକାନଗିରିରୁ ଚିତ୍ରକୋଣ୍ଡା ଜଳଭଣ୍ଡାର ଦେଇ ଆସିବାକୁ ପଡ଼େ । ମାଲକାନଗିରିରୁ ଗୁରୁପ୍ରିୟାର ଦୂରତା ୮୦ କିଲୋମିଟର । ବାଟରେ ପଡ଼େ ଚିତ୍ରକୋଣ୍ଡା ଫେରି ପଏଣ୍ଟ । ସ୍ଥାନୀୟ ବାସିନ୍ଦା ଏଠାରେ ଥିବା ଭସାପୋଲ ଦେଇ ଯା' ଆସ କରନ୍ତି । ପର୍ଯ୍ୟଟକଙ୍କ ପାଇଁ ଡଙ୍ଗାରେ ଜଳଭଣ୍ଡାର ବୁଲିବାର ସୁବିଧା ବି ଅଛି । ସେମିତି, ବାଲିମେଳା ଡ୍ୟାମ୍ କୁ ଲାଗିକରି ଥିବା ବ୍ରିଜ ଉପରେ ଠିଆ ହୋଇ ଅନାଇଲେ ଗାଢ଼ ନୀଳ ରଙ୍ଗର ସୁଦୀର୍ଘ ଜଳଭଣ୍ଡାର ଦିଶେ । ଧିରେ ଧିରେ ପର୍ଯ୍ୟଟକମାନେ ଏହାକୁ ଏକ ଭିଉ ପଏଣ୍ଟରେ ପରିଣତ କରିସାରିଲେଣି ।

ସେଠାରୁ ଟିକେ ଆଗକୁ ଆସିଲେ ପଡ଼େ ଚିତ୍ରକୋଣ୍ଡା ଇକୋ ପାର୍କ । ପର୍ଯ୍ୟଟକ ସେଠାରେ କିଛି ସମୟ ଅଟକି ଶାନ୍ତକାନ୍ତ ପରିବେଶକୁ ଅନୁଭବ କରନ୍ତି । ଇକୋପାର୍କ ଭିତରେ ପିକନିକ୍ ସ୍ପଟ୍ ଓ ବୋଟିଂ କରିବାର ସୁବିଧା ରହିଛି । ଏମିତି, ଘାଟି ପରେ ଘାଟି ଓ ବିଭିନ୍ନ ଭିଉ ପଏଣ୍ଟର ମଜା ନେଇ ପର୍ଯ୍ୟଟକମାନେ ଶେଷରେ ଗୁରୁପ୍ରିୟା ସେତୁ ପାଖରେ ପହଞ୍ଚନ୍ତି।

ଗୁରୁପ୍ରିୟା ସେତୁ ପାଖରେ ବଡ଼ ଦୋକାନ କିମ୍ବା ହୋଟେଲ ଇତ୍ୟାଦି ମିଳିବ ନାହିଁ । ହେଲେ ନିଚ୍ଛକ ଆଦିବାସୀ ଜୀବନର ଅନୁଭୂତି ଓ ସେମାନଙ୍କ ଖାଦ୍ୟ ପାନୀୟର ମଜା ନେଇପାରିବେ । ଟାଳିଆ ଦୋକାନ, ଯେଉଁଠି କପେ ଚା ଓ  ମୁଢ଼ି ମିଳିବ । ଥଣ୍ଡା ପାନୀୟ ଖୋଜିଲେ ମିଳିବ ମାଟି ହାଣ୍ଡିରେ ତିଆରି ହୋଇଥିବା ଦହି । ଖୋଲା ଆକାଶ ତଳେ ବିକ୍ରି ହେଉଥିବ ପୋଡ଼ା ମକା ଓ କଞ୍ଚା କାଜୁ । ସେମିତି ଝୁଣା, ହଳଦୀ, ସୁଆଁ ଓ ମାଣ୍ଡିଆ ଭଳି ନାନା ରକମର ଦରବକୁ ନେଇ ଏକ ଛୋଟିଆ ବଜାର ସେଠି ଗଢ଼ି ଉଠିଲାଣି କେବଳ ପର୍ଯ୍ୟଟକଙ୍କ ପାଇଁ ।

ଗୁରୁପ୍ରିୟା ପାର ହୋଇ ଆଗକୁ ଗଲେ ଚିତ୍ରକୋଣ୍ଡା ଝୁଲାପୋଲ ପଡ଼େ । ଗୁରୁପ୍ରିୟା ବୁଲିବାକୁ ଯାଉଥିବା ପର୍ଯ୍ୟଟକମାନ ଏହି ଝୁଲାପୋଲରେ ଠିଆ ହୋଇ ଫଟୋ ଉଠାନ୍ତି । ଗୁରୁପ୍ରିୟାରୁ ଝୁଲାପୋଲ ଯିବା ରାସ୍ତାରେ ଜାନବାଇ, ଜୋଡ଼ାଆମ୍ବ, ଆନ୍ଧ୍ରପଲ୍ଲୀ, ଓ ଧୂଳିପୁଟ୍ ଇତ୍ୟାଦି ଗ୍ରାମରେ ଆପଣଙ୍କ ଗାଡ଼ି ଆପେ ଅଟକିଯିବ । ଆଦିବାସୀ ଜନଜୀବନର ଏହି ସ୍ମୃତିକୁ କ୍ୟାମେରାରେ କଏଦ କରିବାକୁ ଆପଣ ନିହାତି ମନ ବଳାଇବେ ।

# In Focus

## TPSODL Expands Its Accessibility with New Offices in Aska

TPSODL has officially opened the AED-I Division office as well as the Nuagam Electrical Section-1 Office in Aska. These newly constructed offices will provide a productive work environment for employees while enhancing accessibility and service delivery in the area. Our CEO, Mr. Amit Kumar Garg, inaugurated both offices in the presence of the senior leadership team and colleagues.





The establishment will serve as a strategic hub to streamline maintenance operations, improve customer grievance resolution, and enhance collection efficiency. Additionally, it aims to ensure greater reliability and responsiveness for residents of Aska and the surrounding areas.

This inauguration marks a significant milestone in TPSODL's ongoing efforts to strengthen its network across southern Odisha, with a focused initiative to expand its reach and impact within the community.

## New HoTT Centre at Phulbani

"Safety is paramount when it comes to electricity; it isn't just important- it's essential."



TPSODL is reinforcing this important message with the establishment of its new Hands-on Technical Training (HoTT) Centre in Phulbani.

Inaugurated by Mr. Amit Kumar Garg, CEO of TPSODL, this innovative center is set to redefine the traditional classroom experience. Outfitted with an LT/HT training yard, safety demo kits, VR Training headset, and modern learning modules, it recreates real-world conditions for field staff and recruits to learn, practice, and perfect their skills in a safe environment.

Serving the operational areas of Bhanjanagar, Phulbani, and Boudh, the HoTT Centre stands as a cornerstone of TPSODL's "Mission Zero Harm" initiative—an effort to embed safety into every action, every day. By combining hands-on exposure with structured learning, it prepares employees not only to perform their jobs but also to do them safely and confidently.


For TPSODL, this development isn't just about training—it's about shaping a workforce that is skilled, safety-conscious, and future-ready.



### Sustainable Is Attainable Highlights Odisha's Energy Transformation

**A special screening of "Sustainable Is Attainable – Season 2, Episode 4: Seed of Change: Transforming Odisha" was held at TPSODL's Corporate Office. The episode spotlights Odisha's journey in strengthening its transmission and distribution systems, showcasing TPSODL's efforts in ensuring reliable, high-quality power supply to Grasim Industries - a global producer of chemicals based in Ganjam. The feature underlines the crucial role of dependable electricity in supporting industrial operations and driving regional development, reflecting TPSODL's commitment to excellence and growth.**

# Fun Zone


(ଗ୍ରୁପ୍ ମିଟିଂ ଜାରି ରହିଛି)
ଆମେ ଖୁବ୍ ଶୀଘ୍ର ଏକ ସଫଳତା ହାସଲ କରିବାକୁ ଯାଉଛୁ । ଶକ୍ତି ସଂରକ୍ଷଣ କ୍ଷେତ୍ରରେ ଏକ ନୂଆ ଟେକ୍ନୋଲୋଜି ଆମେ ଆପଣେଇବାକୁ ଯାଉଛୁ । ଯାହା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।
TPSODL
ରମେଶ (ଉତ୍ସାହର ସହିତ ମନୁଆକୁ ତାଳିକରି କହୁଛି ) - ବହୁତ ବଢ଼ିଆ ହେଲାରେ ମନୁଆ । ଏହା ନିହାତି ଦରକାର ଥିଲା । ଏହା ଆମ କମ୍ପାନୀ ପାଇଁ ଖୁବ୍ ଭଲ କଥା ।
TPSODL
TPSODL
ମନୁଆ - ହଁ ତୁ ଠିକ୍ କହୁଛୁ । କିନ୍ତୁ ମନେରଖ! ଏଇଟା ଆମ କମ୍ପାନୀର ଭିତର କଥା । ୟା ବାବଦରେ ଆମେ ଯେମିତି ବାହାରେ କାହା ସହ କିଛି ବି ଆଲୋଚନା ନ କରୁ ।
(ପରେ, ରମେଶର ଘରେ)
ସାଙ୍ଗ - ଆରେ ରମେଶ, ମୁଁ ଶୁଣିଲି ତମ କମ୍ପାନୀରେ କିଛି ଗୋଟେ ନୂଆ ବ୍ୟବସ୍ଥା ଆସୁଛି । କ'ଣ କିରେ ସେଇଟା ?
ରମେଶ (ଚିନ୍ତା କଲା । ମୁଁ ୟାକୁ ଏ ବାବଦରେ କହିଦେବି କି! ଏଇଟା ତ ଗୋଟେ ଭଲ ଖବର
[ ରମେଶର ମନୁଆ କହିଥିବା କଥା ମନେ ପଡ଼ିଗଲା । କମ୍ପାନୀର ଭିତର କଥା ବାହାରେ କାହାକୁ କହିବା କଥା ନୁହେଁ ବୋଲି ତ ମନୁଆ କହିଥିଲା ]
4
ରମେଶ (ହସିହସି) - କ୍ଷମା କରିବୁରେ ସାଙ୍ଗ । ମୁଁ ଏ ବିଷୟରେ ତୋତେ କିଛି କହିପାରିବି ନାହିଁ । ଏଇଟା ଆମ କମ୍ପାନୀର ନୀତି । ସେ ଅନୁସାରେ କମ୍ପାନୀର ଗୁରୁତ୍ୱପୂର୍ଣ୍ଣ କଥାକୁ ସୁରକ୍ଷା ଦେବା ଆମର ଦାୟିତ୍ୱ ।
ସାଙ୍ଗ - ଠିକ୍ ଅଛି । ମୁଁ ତୋର ନିଷ୍ପତ୍ତିକୁ ସମ୍ମାନ ଜଣାଉଛି ।
[ଅଫିସ୍ ଆସିଲା ପରେ]
ମନୁଆ - ବହୁତ ବଢ଼ିଆ ରମେଶ । କମ୍ପାନୀର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଓ ନିଷ୍ପତ୍ତିକୁ ସମ୍ମାନ ଏବଂ ସୁରକ୍ଷା ଦେବା ହେଉଛି ଆମର ନୈତିକ ଦାୟିତ୍ୱ । ଯାହା ଆମର ସାଥି କର୍ମଚାରୀ, ଆମ ଉପଭୋକ୍ତାଙ୍କ ସହିତ ଭରିଶ୍ୱାସକୁ ସୁରକ୍ଷିତ କରିବ ।
ରମେଶ - ଠିକ୍ କହିଛୁ ମନୁଆ । କିଛି କଥା ଆମ ଭିତରେ ରହିବା ଦରକାର
ରୋଶନୀ- ଗୋପନୀୟତା ବିଶ୍ୱାସ ଉପରେ ନିର୍ଭର କରେ । କମ୍ପାନୀର ଗୁପ୍ତ ତଥ୍ୟ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କେବେ ବି କାହା ସହ ବିନା ଅନୁମତିରେ ପ୍ରକାଶ କରନ୍ତୁ ନାହିଁ । ଏହା କେବଳ କମ୍ପାନୀକୁ ନୁହେଁ, ବରଂ ଏହା ଉପରେ ନିର୍ଭର କରୁଥିବା ସମସ୍ତଙ୍କୁ କ୍ଷତି ପହଞ୍ଚାଇପାରେ ।

# Media Coverage

# 30 women turn flower waste into incense sticks in Ganjam

**Hrusikesh Mohanty** | TNN

**Berhampur:** As the sun rises, Gitanjali Pradhan, 46, of Ganjam district's Panchama village starts her work by gathering flower waste from temples and function halls in the area. Around 30 women, including Gitanjali, of the village in Rangeilunda block, collect flower waste, which they use for making organic fragrant incense sticks, helping them earn livelihood.

"After completing our household works, we sit together in the incense sticks centre in the village and start production of agarbattis. We were earlier trained in Bhubaneswar," said Priyanka Pradhan, 28, one of the members of the self-help group (SHG) engaged in making agarbattis.

After production started three months ago, each member of the group is earning from Rs 3,000 to Rs 5,000. They hoped their earnings might increase in the future as demand for the product is high in the market.

TOI



Each member of the group earns from ₹3,000-₹5,000 after production started three months ago

By utilising the discarded flowers along with wooden and chocolate powder, they craft incense sticks in a variety of fragrances, including mogra, champa, chandan and kasturi. They produce 10-15 kg of agarbattis per day and sell it at Rs 40 to 50 per kg.

"We now sell the incense sticks in nearby villages and are planning to expand their market to Berhampur and other towns," said Gitanjali.

The centre was set up by the Odisha Livelihood Mission (OLM) in collaboration with Tata Power Southern Odisha Distribution Limited (TPSODL). While the discom trained around 100 women in agarbatti making, 30 of them work in the centre. The company has provided necessary machines, technical support and other materials.

A K Garg, chief executive officer of TPSODL, said the centre is an example of grassroots women's empowerment. By providing training, tools and market access, we aim to create socio-economic growth of rural women, he added.

*The Times of India*



दक्षिण ओडिशा में बिजली आपूर्ति सुधार की बड़ी पहल

*The Navbharat*



କୋରାପୁଟରେ ଟିଚିଂ ହସ୍ପିଟାଲକୁ ନିରବଚ୍ଛିନ୍ନ ବିଜୁଳି ଯୋଗାଉଛି ଟିପିଏସ୍ଓଡିଏଲ୍

*The Sambad*



ମାଲକାନଗିରି ଜିଲ୍ଲାର ବିଦ୍ୟୁତ ଭିତ୍ତିଭୂମିକୁ ସୁଦୃଢ଼ କରିଛି ଟିପିଏସ୍ଓଡିଏଲ୍

*The Samaya*



TPSODL

TP SOUTHERN ODISHA
DISTRIBUTION LIMITED

(A Joint Venture of Tata Power and Government of Odisha)

**Get in touch with us:**
*corpcomm@tpsouthernodisha.com*

/TPSODL @TPSouthOdisha @tp_sodl @tpsodl /tpsodl